ଏକରୁ କୋଡ଼ିଏ ବଣକୁ ଗଲେ

ଦାଶ ବେନହୁର



Digitized by srujanika@gmail.com

ଏଥିରେ ଅଛି

ଛୋଟପିଲାଙ୍କର ଛବି ଓ ଗୀତ ଭାରି ପସନ୍ଦ । ତାଙ୍କ ଆଗରେ ହାତ ତାଳି ଦେଲେ ବା ଝୁମୁକା ନଚେଇଲେ ସେମାନେ ଆନନ୍ଦିତ ହୁଅନ୍ତି । ସେମାନଙ୍କ ଦୁନିଆ ଛନ୍ଦ ଓ ଛବିର ଦୁନିଆ । ତେଣୁ ସେଇ ମାଧ୍ୟମରେ ସେମାନଙ୍କୁ ସଂଖ୍ୟା ଓ ଅକ୍ଷର ତଥା ବିଭିନ୍ନ ବିଷୟରେ ଅତି ଛୋଟ ବେଳୁ ସୂଚାଇବା ଆବଶ୍ୟକ । ଖୁବ୍ ଛୋଟ ଥିଲାବେଳେ ନିଜେ ସିନା ପଢ଼ି ପାରନ୍ତିନି ହେଲେ ବଡ଼ମାନେ ତାଙ୍କ ଆଗରେ ବହିଧରି ସେମାନଙ୍କ ଲାଗି ଲେଖା ଯାଇଥିବା କଥା ପଢ଼ିଲେ ସେସବୁକୁ ପିଲାମାନେ ଭଲପାଆନ୍ତି ଓ ମନେରଖନ୍ତି । ୧ ରୁ ୨୦ ସଂଖ୍ୟା ବିଷୟରେ ଛୋଟପିଲାଙ୍କୁ ଆଗ୍ରହୀ କରିବାପାଇଁ ଓ ତା' ମାଧ୍ୟମରେ ସେମାନଙ୍କ ଭିତରେ କିଛି ଆନନ୍ଦଭାବ ଆଣିବାଲାଗି ଏ ବହିଟି ଲେଖାଯାଇଛି । ଆଶା, ପିଲାମାନଙ୍କୁ ଭଲ ଲାଗିବ ।

ଦାଶ ବେନହୁର

ଏକରୁ କୋଡ଼ିଏ ବଣକୁ ଗଲେ

ଦାଶ ବେନହୁର

ଆମ ଓଡ଼ିଶା
ĀMA ODISHĀ

Digitized by srujanika@gmail.com

ଏକରୁ କୋଡ଼ିଏ ବଣକୁ ଗଲେ

(ଶିଶୁ ଗୀତ)

ଲେଖକ : ଦାଶ ବେନହୁର

ପ୍ରକାଶକ : ଆମ ଓଡ଼ିଶା
୪ଆର ୧/୨, ଇଉନିଟ୍-୩
ଭୁବନେଶ୍ୱର-୭୫୧୦୦୧

ମୁଦ୍ରାକର : ପ୍ରିଣ୍ଟ-ଟେକ୍ ଅଫ୍‌ସେଟ୍ ପ୍ରା.ଲି.
ଭୁବନେଶ୍ୱର-୨୪

ଛବି : ତନୁଜ ମଲ୍ଲିକ

ପ୍ରଥମ ପ୍ରକାଶ : ୨୦୧୨

ମୂଲ୍ୟ : ଟ.୪୫/-

ISBN : 978-81-89436-35-3



କଂଟା ସିରିସିରି
ପତର ପଟି,
ଫୁଲ ଫିରିଫିରି
ଅଲରା ଲଟି ।

Digitized by srujanika@gmail.com

ଗଛରେ ଭରିଛି
ପାଚିଲା କୋଳି,
ମଜାରେ ମାଂକଡ଼
ଖେଳୁଛି ଦୋଳି ।

Digitized by srujanika@gmail.com

କୋଳି ଜାତି ଜାତି
ପାଚିଲା କଷି,
ଏକରୁ କୋଡ଼ିଏ
ଭାବିଲେ ବସି ।

Digitized by srujanika@gmail.com

୧

ଏକ ବୋଇଲା
ଖାଇବା କୋଳି,

୨

ଦୁଇ କହିଲା
ଖେଳିବା ଦୋଳି ।

Digitized by srujanika@gmail.com

୩

ତିନି ବୋଇଲା
ଧରିବା ବତା,

୪

ଚାରି କହିଲା
ଟେକିବା ଛତା ।

Digitized by srujanika@gmail.com

୫

ପାଂଚ ବୋଇଲା
ମାଡ଼ିବ ଡର,

୬

ଛଅ କହିଲା
ଟାଂଗିଆ ଧର ।

Digitized by srujanika@gmail.com

୭

ସାତ ବୋଇଲା
ବଣରେ କଂଟା,

୮

ଆଠ କହିଲା
ଅରମା ଝଟା ।

Digitized by srujanika@gmail.com

୯

ନଅ ବୋଇଲା
ବଣରେ ସାପ,

୧୦

ଦଶ କହିଲା
ମଲିରେ ବାପ ।

Digitized by srujanika@gmail.com

୧୧

ଏଗାର ଧରିଲା
କଟୁରି କାଢ଼ି,

୧୨

ବାର ହାତରେ
ଠେଂଗୁଣି ବାଡ଼ି ।

Digitized by srujanika@gmail.com

୧୩

ତେର ବୋଇଲା
ବଣରେ ବାଘ,

୧୪

ଚଉଦ କହିଲା
ବାଘ ନା ଫାଘ ।

Digitized by srujanika@gmail.com

୧୫

ପଂଦର କାଂଧରେ
ବିରାଟ ଥଳି,

୧୬

ଷୋହଳ ଦେଖାଏ
ବଂଧୁକ ନଳି ।

Digitized by srujanika@gmail.com

୧୭

ସତର ଭିଡ଼ିଲା
କମର ପଟି,

୧୮

ଅଠର ପିଂଧିଲା
ରବର ଚଟି ।

Digitized by srujanika@gmail.com

୧୯

ଊଣିଶି ବୋଇଲା
ଆଗରେ ଯିବି,

୨୦

କୋଡ଼ିଏ ରଡ଼ିଲା
ପଛରେ ଥିବି ।

Digitized by srujanika@gmail.com

ଏକରୁ କୋଡ଼ିଏ
ବଣକୁ ଗଲେ,
ଡେଇଁଲେ କୁଦିଲେ
ଗମାତ କଲେ ।

୧ ୨ ୩

୪ ୫ ୬ ୭

୮ ୯ ୧୦

୧୧ ୧୨ ୧୩

୧୪ ୧୫ ୧୬

୧୭ ୧୮

୧୯ ୨୦

Digitized by srujanika@gmail.com

ଆମ ଓଡ଼ିଶା
ĀMA ODISHĀ
ISBN - 978-81-89436-35-3

Digitized by srujanika@gmail.com